# REGIONAL NEWS UNIT, AIR CUTTACK

## Evening Bulletin (6.45 PM)

### 19th April - 2025

************************************

## ମୁଖ୍ୟ ସମ୍ବାଦ

- ପୁଷ୍ଟି ନିରାପତ୍ତା ପାଇଁ ସାମୂହିକ ସଚେତନତା ଜରୁରୀ; ରାଜ୍ୟସ୍ତରୀୟ ପୋଷଣ ପକ୍ଷ ପାଳନ ଅବସରରେ କହିଲେ ମୁଖ୍ୟମନ୍ତ୍ରୀ ।

- ବଲାଙ୍ଗିର ଜିଲ୍ଲାରେ କେନ୍ଦ୍ରୀୟ ବିଦ୍ୟାଳୟ ଟିଟିଲାଗଡ଼ ଓ ପାଟଣାଗଡ଼ ସ୍ଥାୟୀ କ୍ୟାମ୍ପସ୍‌ର ଶିଳାନ୍ୟାସ କଲେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ।

- ସୁଭଦ୍ରା ଯୋଜନାରେ ଆସନ୍ତା ୨୪ ତାରିଖରେ ୧ ଲକ୍ଷରୁ ଊର୍ଦ୍ଧ୍ୱ ହିତାଧିକାରୀଙ୍କୁ ମିଳିବ ଷଷ୍ଠ ପର୍ଯ୍ୟାୟ ସହାୟତା ରାଶି ।

- ଯକୃତର ଉପଯୁକ୍ତ ଯତ୍ନ ଓ ଏ ସମ୍ପର୍କରେ ସଚେତନତା ସୃଷ୍ଟି ଉଦ୍ଦେଶ୍ୟରେ ଆଜି ପାଳିତ ହେଉଛି ବିଶ୍ୱ ଯକୃତ ଦିବସ ।

ଏବଂ

- ଭୁବନେଶ୍ୱର କଳିଙ୍ଗ ଷ୍ଟାଡିୟମଠାରେ ଆସନ୍ତାକାଲିଠାରୁ ଆରମ୍ଭ ହେବ କଳିଙ୍ଗ ସୁପର କପ୍ ଫୁଟବଲ ଟୁର୍ଣ୍ଣାମେଣ୍ଟର ତୃତୀୟ ସଂସ୍କରଣ ।

# ପୋଷଣ ପକ୍ଷ

ପୁଷ୍ଟି ନିରାପତ୍ତା ଦିଗରେ ସାମୂହିକ ସଚେତନତା ଜରୁରୀ । ସମୃଦ୍ଧ ଓଡ଼ିଶା ଗଠନ ନିମିତ୍ତ ରାଜ୍ୟକୁ ସମ୍ପୂର୍ଣ୍ଣ କୁପୋଷଣ ମୁକ୍ତ କରିବାପାଇଁ ସରକାର ପ୍ରତିଶ୍ରୁତିବଦ୍ଧ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି । ଭୁବନେଶ୍ୱରସ୍ଥିତ ରାଜ୍ୟ ମହିଳା ଓ ଶିଶୁ ପ୍ରତିଷ୍ଠାନରେ ରାଜ୍ୟସ୍ତରୀୟ ପୋଷଣ ପକ୍ଷ ପାଳନ ସମାରୋହକୁ ଉଦ୍‌ଘାଟନ କରି ଶ୍ରୀ ମାଝୀ କହିଛନ୍ତି, ଶୈଶବରେ ଉପଯୁକ୍ତ ପୋଷଣ ପାଇଲେ ଶିଶୁର ସ୍ୱାସ୍ଥ୍ୟ ଉନ୍ନତି ହେବା ସହିତ ତା'ର ସାମଗ୍ରିକ ବିକାଶ ସମ୍ଭବ ହୋଇପାରିବ । ପୋଷଣ ଅଭିଯାନକୁ ସଫଳ କରି ସୁସ୍ଥ ମାନବ ସମ୍ବଳ ତିଆରି କରିବାକୁ ମୁଖ୍ୟମନ୍ତ୍ରୀ ଆହ୍ୱାନ ଦେଇଛନ୍ତି । ୨୦୩୬ ସମୃଦ୍ଧ ଓଡ଼ିଶା ଗଠନବେଳକୁ ଶୂନ୍ୟ ପ୍ରତିଶତ କୁପୋଷଣ ସରକାରଙ୍କ ଲକ୍ଷ୍ୟ ରହିଛି ।

***Voice*** :..........

ଏହି ଅବସରରେ ମୁଖ୍ୟମନ୍ତ୍ରୀ ଭୁବନେଶ୍ୱରର ଲକ୍ଷ୍ମୀସାଗର-ଝାରପଡ଼ାସ୍ଥିତ ରାଜ୍ୟ ମହିଳା ଓ ଶିଶୁ ପ୍ରତିଷ୍ଠାନ ସଂସ୍ଥାନରେ ୮୪ ଶଯ୍ୟା ବିଶିଷ୍ଟ ଏକ ନୂତନ ପ୍ରଶିକ୍ଷାର୍ଥୀ ନିବାସ ସହ ପାଠାଗାର, ଅଙ୍ଗନୱାଡ଼ି ପ୍ରଶିକ୍ଷଣ କେନ୍ଦ୍ରର ଶୁଭାରମ୍ଭ କରିଛନ୍ତି ।

ରାଜ୍ୟରେ ପୂଜ୍ୟପୂଜା ପରମ୍ପରାକୁ ସମ୍ମାନ ଜଣାଇ ପ୍ରତିଷ୍ଠାନର ୮ଟି ଅଟ୍ଟାଳିକାକୁ ରାଜ୍ୟର ମହୀୟସୀ ମହିଳାଙ୍କ ନାମରେ ନାମିତ କରିବାପାଇଁ ମୁଖ୍ୟମନ୍ତ୍ରୀ ଘୋଷଣା କରିଛନ୍ତି ।

ପୋଷଣ ପକ୍ଷ ପାଳନ ଅବସରରେ ଏ କ୍ଷେତ୍ରରେ ଉତ୍କର୍ଷ ହାସଲ କରିଥିବା ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ ପୁରୀ, କେନ୍ଦ୍ରାପଡ଼ା ଓ ଭଦ୍ରକକୁ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ପୁରସ୍କାର ପ୍ରଦାନ କରିଛନ୍ତି । କାର୍ଯ୍ୟକ୍ରମରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା, ମହିଳା ଓ ଶିଶୁ ବିକାଶ ବିଭାଗର ପ୍ରମୁଖ ଶାସନ ସଚିବ ଶୁଭା ଶର୍ମା ପ୍ରମୁଖ ଉପସ୍ଥିତ ଥିଲେ ।

***Desk***

# ଧର୍ମେନ୍ଦ୍ର ପ୍ରଧାନ - ବଲାଙ୍ଗିର

କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଆଜି ବଲାଙ୍ଗିର ଜିଲ୍ଲାରେ କେନ୍ଦ୍ରୀୟ ବିଦ୍ୟାଳୟ ଟିଟିଲାଗଡ଼ ଓ ପାଟଣାଗଡ଼ର ଅସ୍ଥାୟୀ କ୍ୟାମ୍ପସ୍‌ର ଉଦ୍‌ଘାଟନ ଏବଂ ସ୍ଥାୟୀ କ୍ୟାମ୍ପସ୍ ପାଇଁ ଭୂମିପୂଜନ କରିଛନ୍ତି । ବଲାଙ୍ଗିର ଜିଲ୍ଲାରେ କୃଷି, ସ୍ୱାସ୍ଥ୍ୟସେବା, ରେଳ, ଶକ୍ତି ଏବଂ ଅନୁଷଙ୍ଗିକ ଭିତ୍ତିଭୂମିର ବିକାଶ ସହ ସର୍ବାଙ୍ଗୀନ ଉନ୍ନତି ପାଇଁ ସରକାର ପ୍ରତିଶ୍ରୁତିବଦ୍ଧ ବୋଲି ଶ୍ରୀ ପ୍ରଧାନ କହିଛନ୍ତି । ଜିଲ୍ଲାରେ ନୂଆ କେନ୍ଦ୍ରୀୟ ବିଦ୍ୟାଳୟପାଇଁ ୬୦ କୋଟି, ୨୧ଟି ବିଦ୍ୟାଳୟକୁ ପି.ଏମ୍.ଶ୍ରୀ ସ୍କୁଲ୍‌ରେ ରୂପାନ୍ତରିତ କରିବାପାଇଁ ୪୨ କୋଟି ଏବଂ ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟକୁ ୨୦ କୋଟି ଟଙ୍କା ପ୍ରଦାନ ସହ ପି.ଏମ୍. ଉଷା ଯୋଜନାରେ ସାମିଲ୍ କରାଯାଇଥିବାରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ ଧନ୍ୟବାଦ ଜଣାଇଛନ୍ତି । କାର୍ଯ୍ୟକ୍ରମରେ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଡକ୍ଟର ମୁକେଶ ମହାଲିଙ୍ଗ,

ସାଂସଦ ସଙ୍ଗୀତା କୁମାରୀ ସିଂହଦେଓଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଉପସ୍ଥିତ ଥିଲେ ।

***Puri/R***

## ରାଜ୍ୟପାଳ - ପୁରୀ

ରାଜ୍ୟପାଳ ଡକ୍ଟର ହରିବାବୁ କମ୍ଭମ୍‌ପାଟି ପୁରୀ ଜିଲ୍ଲା ସର୍କିଟ୍ ହାଉସ୍‌ଠାରେ ଜିଲ୍ଲାର ବିଭିନ୍ନ ଉନ୍ନୟନମୂଳକ ପ୍ରକଳ୍ପ କାର୍ଯ୍ୟର ସମୀକ୍ଷା କରିଛନ୍ତି । କେନ୍ଦ୍ର ସରକାରଙ୍କ ପ୍ରତ୍ୟେକ ସାମାଜିକ ସୁରକ୍ଷା ଯୋଜନା ଜନସାଧାରଣଙ୍କ ନିକଟରେ ପହଞ୍ଚାଇବା ନେଇ ରାଜ୍ୟପାଳ ଜିଲ୍ଲାପାଳଙ୍କୁ ପରାମର୍ଶ ଦେଇଥିଲେ । ସେହିପରି କେନ୍ଦ୍ରୀୟ ମୁଦ୍ରା ଯୋଜନାରେ ବିଭିନ୍ନ ବ୍ୟାଙ୍କ୍‌ର ଋଣ ପ୍ରଦାନ ସମ୍ପର୍କରେ ବ୍ୟାଙ୍କ୍ ଅଧିକାରୀମାନଙ୍କ ସହ ଆଲୋଚନା କରିଥିଲେ । ବୈଠକରେ ସାଂସଦ ସମ୍ବିତ ପାତ୍ର, ଜିଲ୍ଲାର ସମସ୍ତ ବିଧାୟକଙ୍କ ସହ ବିଭିନ୍ନ ବିଭାଗର ଅଧିକାରୀମାନେ ଉପସ୍ଥିତ ଥିଲେ ।

***BBSR/R***

## ମୁଖ୍ୟମନ୍ତ୍ରୀ - ସ୍ପେନ୍ ରାଷ୍ଟ୍ରଦୂତ

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଭାରତରେ ଅବସ୍ଥାପିତ ସ୍ପେନ୍‌ର ରାଷ୍ଟ୍ରଦୂତ ଜୁଆନ୍ ଆଣ୍ଟୋନିଓ ମାର୍ଚ୍ଚ ପୁଜୋଲ୍ ଭୁବନେଶ୍ୱରସ୍ଥିତ ଲୋକସେବା

ଭବନରେ ସାକ୍ଷାତ୍ କରିଛନ୍ତି । ସ୍ପେନ୍ ଓ ଓଡ଼ିଶା ମଧ୍ୟରେ ବାଣିଜ୍ୟ, ଶକ୍ତି, ଶିଳ୍ପ ଓ ସାଂସ୍କୃତିକ ସମ୍ପର୍କକୁ ସୁଦୃଢ଼ କରିବା ପ୍ରସଙ୍ଗରେ ଉଭୟଙ୍କ ମଧ୍ୟରେ ଆଲୋଚନା ହୋଇଥିଲା । ବୈଠକରେ ଅତିରିକ୍ତ ମୁଖ୍ୟ ଶାସନ ସଚିବ ନିକୁଞ୍ଜ ବିହାରୀ ଧଳ, ଗୃହ ଓ ଶିଳ୍ପ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ପ୍ରମୁଖ ଉପସ୍ଥିତ ଥିଲେ ।

***Desk***

# ସୁଭଦ୍ରା ଯୋଜନା

ସୁଭଦ୍ରା ଯୋଜନାରେ ଷଷ୍ଠ ପର୍ଯ୍ୟାୟ ସହାୟତା ରାଶି ଆସନ୍ତା ୨୪ ତାରିଖ ଦିନ ପଞ୍ଚାୟତିରାଜ ଦିବସ ଅବସରରେ ଯୋଗ୍ୟ ହିତାଧିକାରୀଙ୍କୁ ପ୍ରଦାନ କରାଯିବ ବୋଲି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା କହିଛନ୍ତି । ପୁରୀଠାରେ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହି ସହାୟତା ରାଶି ବଣ୍ଟନ କରିବେ । ଏହିଦିନ ୧ ଲକ୍ଷ ୭୦ ହଜାର ହିତାଧିକାରୀଙ୍କ ଆକାଉଣ୍ଟକୁ ୨ଟି କିସ୍ତିର ଟଙ୍କା ଆସିବ ବୋଲି ଶ୍ରୀମତୀ ପରିଡ଼ା କହିଛନ୍ତି । ମାର୍ଚ୍ଚ ୩୧ ତାରିଖ ସୁଦ୍ଧା ଆବେଦନ କରିଥିବା ଯୋଗ୍ୟ ହିତାଧିକାରୀଙ୍କୁ ଏହି ସହାୟତା ରାଶି ପ୍ରଦାନ କରାଯିବ ।

*Desk*

# ବିଶ୍ୱ ଯକୃତ ଦିବସ

ଯକୃତର ଉପଯୁକ୍ତ ଯତ୍ନ ଏବଂ ଏହାର ସମସ୍ୟା ବିଷୟରେ ଲୋକଙ୍କୁ ସଚେତନ କରାଇବା ଉଦ୍ଦେଶ୍ୟରେ ଆଜି ବିଶ୍ୱ ଯକୃତ ଦିବସ ପାଳନ କରାଯାଉଛି । ଚଳିତବର୍ଷ ଏହି ଦିବସର ବାର୍ତ୍ତା ରହିଛି 'ଖାଦ୍ୟ ହିଁ ମହୌଷଧି' ।

ହେପାଟାଇଟିସ୍-ବି', ସି' ଓ ଫ୍ୟାଟି ଲିଭର୍ ଭଳି ସମସ୍ୟା ଜନିତ ରୋଗୀ ଭାରତରେ ବହୁ ସଂଖ୍ୟାରେ ଦେଖା ଦେଇଥାନ୍ତି । ସମୟ ଅନୁସାରେ ଉପଯୁକ୍ତ ଚିକିତ୍ସା, ନିୟମିତ ବ୍ୟାୟାମ, ମାଦକ ଦ୍ରବ୍ୟ ସେବନଠାରୁ ଦୂରେଇ ରହିବା ଏବଂ ସନ୍ତୁଳିତ ଆହାର ସେବନ ଦ୍ୱାରା ଯକୃତକୁ ସୁସ୍ଥ ରଖାଯାଇ ପାରିବ ବୋଲି ବିଶେଷଜ୍ଞମାନେ ମତବ୍ୟକ୍ତ କରିଛନ୍ତି। ଏ ସମ୍ପର୍କରେ ଏସ୍.ସି.ବି. ମେଡିକାଲ୍ କଲେଜ ଓ ହସ୍ପିଟାଲ୍‌ର ପ୍ରଫେସର ଡାକ୍ତର ଜୟନ୍ତ ପଣ୍ଡା ଆକାଶବାଣୀକୁ କୁହନ୍ତି :

***Voice*** :..........

*Sambalpur/R*

# ମୁଖ୍ୟମନ୍ତ୍ରୀ - ଅଭିଯୋଗ ଶୁଣାଣି

ପଶ୍ଚିମ ଓଡ଼ିଶାବାସୀଙ୍କ ପାଇଁ ମୁଖ୍ୟମନ୍ତ୍ରୀ ଜନ ଅଭିଯୋଗ ଶୁଣାଣି ଶିବିର ଆସନ୍ତା ସୋମବାର ଦିନ ସମ୍ବଲପୁର ମହାନଗର ନିଗମ କାର୍ଯ୍ୟାଳୟରେ

ଅନୁଷ୍ଠିତ ହେବ । ସମୁଦାୟ ହଜାରେ ଜଣଙ୍କପାଇଁ ସ୍ଲଟ୍ ରହିଥିବାବେଳେ ଏଥିନିମନ୍ତେ ଅଭିଯୋଗକାରୀ ପୋର୍ଟାଲ୍ ମାଧ୍ୟମରେ ଆଗୁଆ ପଞ୍ଜୀକରଣ କରିବାପାଇଁ ପଞ୍ଚାୟତିରାଜ ମନ୍ତ୍ରୀ ରବିନାରାୟଣ ନାଏକ କହିଛନ୍ତି କହିଛନ୍ତି । ଦୁର୍ଗାପାଲି ସ୍ଥିତ ନିଗମ କାର୍ଯ୍ୟାଳୟରେ ହେବାକୁ ଥିବା ଏହି ଜନ ଅଭିଯୋଗ ଶୁଣାଣି ପରିପ୍ରେକ୍ଷୀରେ ଆଜି ପଞ୍ଚାୟତିରାଜ ମନ୍ତ୍ରୀ ଶ୍ରୀ ନାଏକ ଏବଂ ପୂର୍ବତନ ବିଧାୟକ ନାଉରୀ ନାଏକ କ୍ଷେତ୍ର ପରିଦର୍ଶନ କରିଛନ୍ତି । ପଶ୍ଚିମ ଓଡ଼ିଶାର ୧୦ଟି ଜିଲ୍ଲାର ଜନସାଧାରଣ ଏହି ଅଭିଯୋଗ ଶିବିରରେ ଅଂଶଗ୍ରହଣ କରିପାରିବେ । ସୋମବାର ଦିନ ହେବାକୁ ଥିବା ଏହି ଶିବିରରେ ୧୧ ଜଣ ମନ୍ତ୍ରୀଙ୍କ ସମେତ ମୁଖ୍ୟ ଶାସନ ସଚିବ ଏବଂ ୧୦ଟି ଜିଲ୍ଲାର ଜିଲ୍ଲାପାଳ ପ୍ରମୁଖ ଉପସ୍ଥିତ ରହିବେ ।

***Dhenkanal/R***

# ନିଯୁକ୍ତିମେଳା

ଓଡ଼ିଶା ଦକ୍ଷତା ବିକାଶ ପ୍ରାଧିକରଣ ଓ ଢେଙ୍କାନାଳ ଜିଲ୍ଲା ପ୍ରଶାସନର ମିଳିତ ଆନୁକୂଲ୍ୟରେ ଆଜି କାମାକ୍ଷାନଗର ସ୍ଥିତ ସାରଙ୍ଗଧର ଷ୍ଟାଡିୟମ୍‌ଠାରେ ଜିଲ୍ଲାସ୍ତରୀୟ ନିଯୁକ୍ତିମେଳା ଅନୁଷ୍ଠିତ ହୋଇଯାଇଛି । ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର, ସାଂସଦ ରୁଦ୍ରନାରାୟଣ ପାଣି, ବିଧାୟକ ବିଭୂତି ଭୂଷଣ ପ୍ରଧାନ ପ୍ରମୁଖ ମେଳାରେ ଉପସ୍ଥିତ ଥିଲେ । ୩୨ ଟି ନିଯୁକ୍ତିଦାତା, ୧୬ଟି ତାଲିମ୍ ପ୍ରଦାନକାରୀ ସଂସ୍ଥା ଏବଂ ୪ଟି ବୈଷୟିକ

ଶିକ୍ଷାନୁଷ୍ଠାନ ଏଥିରେ ଅଂଶଗ୍ରହଣ କରିଥିଲେ । ଜିଲ୍ଲାରୁ ୧୨ ଶହ ୪୮ ଜଣ ପ୍ରାର୍ଥୀ ମେଳାରେ ଯୋଗ ଦେଇଥିବାବେଳେ ୧୩ ଜଣ ପ୍ରାର୍ଥୀଙ୍କୁ ତତ୍କାଳ ନିଯୁକ୍ତିପତ୍ର ପ୍ରଦାନ କରାଯାଇଥିଲା ।

***Nayagarh/R***

## ଖାଦ୍ୟମେଳା

ନୟାଗଡ଼ ଜିଲ୍ଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନରେ ଜିଲ୍ଲାସ୍ତରୀୟ ଖାଦ୍ୟମେଳା ଆୟୋଜିତ ହୋଇଯାଇଛି । ମେଳାକୁ ପ୍ରତିଷ୍ଠାନର ଅଧ୍ୟକ୍ଷ ବିଜୟ କୁମାର ତ୍ରିପାଠୀ ଉଦ୍‌ଘାଟନ କରି ଶରୀର ପାଇଁ ଖାଦ୍ୟର ଆବଶ୍ୟକତା ଏବଂ ସୁଷମ ଖାଦ୍ୟ ସମ୍ପର୍କରେ ଛାତ୍ରଛାତ୍ରୀମାନଙ୍କୁ ସଚେତନ କରାଇଥିଲେ । ୨ ଶହରୁ ଅଧିକ ଛାତ୍ରଛାତ୍ରୀଙ୍କଦ୍ୱାରା ପ୍ରାୟ ୫୦ଟି ଖାଦ୍ୟ ଷ୍ଟଲ୍ ପ୍ରଦର୍ଶିତ ହୋଇଥିଲା । କାର୍ଯ୍ୟକ୍ରମରେ ଜିଲ୍ଲାର ୮ଟି ବ୍ଲକ୍‌ର ଆଞ୍ଚଳିକ ଗୋଷ୍ଠୀ ସାଧନ କେନ୍ଦ୍ରର ସଂଯୋଜକ, ଛାତ୍ରଛାତ୍ରୀ ଓ କର୍ମଚାରୀ ସାମିଲ୍ ହୋଇଥିଲେ ।

***Desk***

## କଳିଙ୍ଗ ସୁପର୍ କପ୍

ଭୁବନେଶ୍ୱର କଳିଙ୍ଗ ଷ୍ଟାଡିୟମଠାରେ ଆସନ୍ତାକାଲିଠାରୁ ମେ' ୩ ତାରିଖ ପର୍ଯ୍ୟନ୍ତ କଳିଙ୍ଗ ସୁପର କପ୍ ଫୁଟବଲ ଟୁର୍ଣ୍ଣାମେଣ୍ଟର ତୃତୀୟ ସଂସ୍କରଣ

ଖେଳାଯିବ । ସର୍ବଭାରତୀୟ ଫୁଟବଲ ମହାସଂଘ, ଓଡ଼ିଶା ରାଜ୍ୟ କ୍ରୀଡ଼ା ଓ ଯୁବସେବା ବିଭାଗ, ଫୁଟବଲ ଆସୋସିଏସନ ଅଫ୍ ଓଡ଼ିଶାର ମିଳିତ ସହଯୋଗରେ ହେଉଥିବା ଏହି ଟୁର୍ଣ୍ଣାମେଣ୍ଟରେ ୧୫ଟି ଦଳ ଅଂଶଗ୍ରହଣ କରୁଛନ୍ତି । ଏହି ପ୍ରତିଯୋଗିତାରେ ମୋହନ ବାଗାନ ସିଧାସଳଖ କ୍ୱାର୍ଟରଫାଇନାଲ ଖେଳିବାକୁ ଯୋଗ୍ୟତା ହାସଲ କରିଛି ।

***Desk***

# ପାଣିପାଗ

ରାଜ୍ୟର ବିଭିନ୍ନ ସ୍ଥାନରେ କାଳବୈଶାଖୀ ପ୍ରଭାବରେ ଗତ ୨୪ ଘଣ୍ଟାରେ ବର୍ଷା ହୋଇଯାଇଛି । ମୟୂରଭଞ୍ଜ ଜିଲ୍ଲାର ଚନ୍ଦୁଆଠାରେ ସର୍ବାଧିକ ୬୨ ମିଲିମିଟର ବର୍ଷା ରେକର୍ଡ଼ କରାଯାଇଛି । ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ରର ସୂଚନା ଅନୁସାରେ ଆସନ୍ତା ୨୪ଘଣ୍ଟା ମଧ୍ୟରେ ବିଜୁଳି ଘଡ଼ଘଡ଼ି ସହ ପ୍ରବଳ ବର୍ଷା ହେବା ନେଇ ନବରଙ୍ଗପୁର, କୋରାପୁଟ, ମାଲକାନଗିରି, ରାୟଗଡ଼ା, ଗଜପତି, ଗଞ୍ଜାମ, କେନ୍ଦୁଝର, ମୟୂରଭଞ୍ଜ ଓ ବାଲେଶ୍ୱର ଜିଲ୍ଲାକୁ ସତର୍କ ସୂଚନା ଜାରି କରାଯାଇଛି। ସେହିଭଳି କଟକ, ଖୋର୍ଦ୍ଧା ସମେତ ୧୫ଟି ଜିଲ୍ଲାରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି।

*****